ପାଠ - ୯

# ରମ୍ଭା ନୂଆ ଜାଗା ଦେଖିଲା




ଝିଅଟିର ନାଁ ରମ୍ଭା । ଆମ୍ରପାଳୀ ଗାଁରେ ମାଉସୀ ବେମାର ଥିଲେ । ରମ୍ଭା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରମ୍ଭା : ମା', ଏଇଟି କେଉଁ ବିଦ୍ୟାଳୟ ?


ମା' : ଏହାର ନାମ ଆମ୍ରପାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରମ୍ଭା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରମ୍ଭା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରମ୍ଭା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାମ୍ଫୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ ।


ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ । ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି । ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?




ମା' :ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା', ଏଠାରେ କ'ଣ ହେଉଛି ?


ମା' : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?


ମା': ଗୋଟିଏ ବଡ଼ ଗାଁ ବା କେତୋଟି ଛୋଟଛୋଟ ଗାଁକୁ ନେଇ ଗ୍ରାମପଞ୍ଚାୟତ ଗଢ଼ା ହୋଇଥାଏ ।




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା’ ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା', ଏହି ଫଳଗୁଡ଼ିକୁ
କେଉଁଠି ରଖିବି ?

ମା' : ସେହି ଫଳଗୁଡ଼ିକୁ ଷ୍ଟୁଲ
ଉପରେ ସଜାଡ଼ି ରଖି
ଦେ ।



## ଅଭ୍ୟାସ

୧ । ପାଠରେ 'ମ୍ପ' ଅକ୍ଷର ଥିବା ଶବ୍ଦ ଚାରିପଟେ ◯ ବୁଲାଅ ଓ 'ମ୍ଫ' ଅକ୍ଷର ଥିବା ଶବ୍ଦକୁ △ ମଧ୍ୟରେ ରଖ ।

୨ । ଠିକ୍ ବନାନ କରି ପଢ଼ ।

| | | |
|---|---|---|
| ଚମ୍ପା | କମ୍ପାସ | ଫମ୍ପା |
| ଚମ୍ପକ | ସିମ୍ପାଞ୍ଜି | ଗୁମ୍ପା |

୩ । ପଢ଼ ଓ ଲେଖ ।

| | | |
|---|---|---|
| ସମ୍ପଦ | ଡାମ୍ଫଣ | ଲମ୍ଫ |
| କମ୍ପନ | ବାମ୍ଫ | ବାମ୍ଫୀ |

୪ । ତଳ ଲେଖାଟିକୁ ପଢ଼ । 'ମ୍ବ' ଥିବା ଶବ୍ଦ ତଳେ ଗାର ଦିଅ ଓ 'ମ୍ଭ' ଥିବା ଶବ୍ଦ ଉପରେ ଗାରଦିଅ ।

''ସମ୍ବଲପୁର ଜିଲ୍ଲାରେ ଆମ୍ବଝର ଗାଁ । ସେଠାରେ ବାନାମ୍ବର କୁମ୍ଭାର ରହେ । ତା'ର ବୟସ ପ୍ରାୟ ଚବିଶ କି ପଚିଶି । ଦେଖିବାକୁ ଡେଙ୍ଗା, ଗୋରା, ଓସାରିଆ ଛାତି, ଲମ୍ବା ଲମ୍ବା ହାତ । ସେ ବେଶ୍ ଦମ୍ଭିଲା ଦେଖାଯାଏ । ବିପଦ ଆପଦ ଆସିଲେ ଭୟ କରେ ନାହିଁ । ସେ କହେ, ଅସମ୍ଭବ ବୋଲି କିଛି ନାହିଁ । ଆମେ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ ।

୫ । ଠିକ୍ ବନାନ କରି ପଢ଼ ।

| | | | |
|---|---|---|---|
| ଖମ୍ବ | କମ୍ବଳ | ଦମ୍ଭ | ସମ୍ଭବ |
| ଆମ୍ବ | କଦମ୍ବ | ତୁମ୍ଭେ | ନିମ୍ବଗଛ |
| ଲମ୍ବ | ଶିମ୍ବଲଟା | କୁମ୍ଭୀର | ଗମ୍ଭୀର |

୬ । ପଢ଼ ଓ ଲେଖ ।

| | | | |
|---|---|---|---|
| ଏକନମ୍ବର | ଶାମ୍ବଦଶମୀ | ଅସମ୍ଭବ | କୁମ୍ଭକଳସ |
| ସୂଚୀଚୁମ୍ବକ | ମୁମ୍ବାଇ ନଗରୀ | ଅସମ୍ଭାଳ | ନୀଳ ଅମ୍ବର |

୭ । ଆସ ଗାଇବା ।

''ଆମ୍ବ ବଉଳଇ ଫଗୁଣମାସେ,
ଦିଗ ଚହଟଇ ତା'ର ସୁବାସେ''

୮ । ତଳେ ଥିବା ଶବ୍ଦଗୁଡ଼ିକୁ ପଢ଼ ଓ ତୁମ ସାଙ୍ଗକୁ ଲେଖିବାକୁ କୁହ ।

କର୍ପାସ, ଗୁମ୍ଫା, ତାମ୍ରଣ, ସମ୍ପଦ, ଅସମ୍ଭବ, ଗମ୍ଭୀର, ଚୁମ୍ବକ, କମ୍ବଳ, କଦମ୍ବ, ସମ୍ବାଦ

## ୯ । ପଢ଼, ଲେଖ ଓ ମନେରଖ ।

ଗୁମ୍ଫାଟି ଅତି ସୁନିର୍ମଳ, ବାମ୍ଫୀର ଜଳ ସୁଶୀତଳ।

ସମ୍ପଦ କାଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା।

କୁମ୍ଭୀର ବଡ଼ ଭୟଙ୍କର, ନାଶଇ କେତେ ନାରୀ ନର ।

## ୧୦। 'ମ୍ଭ' ଥିବା ଶବ୍ଦଗୁଡ଼ିକ ନିକଟରେ ଥିବା ବିନ୍ଦୁଗୁଡ଼ିକୁ ଯୋଡ଼ି କେଉଁ ଚିତ୍ରଟି ପାଉଛ ଦେଖ ।



## ୧୧ । ଚିତ୍ର ଦେଖି ପୂରାନାମ ଲେଖ :




ଡା____ଣ



କଦ____ଫୁଲ



କୁ____ର




ସି____ଞ୍ଜି




କ____ସ



ଚ____ଫୁଲ



ବା____



କ____ଳ

## ୧୨ । (କ) 'ମ୍ପ', 'ମ୍ପା', 'ମ୍ପି' ଅକ୍ଷର ମଧ୍ୟରୁ ଠିକ୍ ଅକ୍ଷର ବାଛି ଖାଲିଜାଗା ପୂରଣ କର ।

| | | |
|---|---|---|
| କ____, | ପା____ଡ଼, | ଝା____ |
| ତ____, | ଅଲି____କ, | ସି____ଞ୍ଜି |
| ଚ____, | କ____ସ | ଅ____ୟାର |

### (ଖ) ମ୍ବ, ମ୍ବା, ମ୍ବି, ମ୍ବୁ, ମ୍ଭ ମଧ୍ୟରୁ ଅକ୍ଷର ଲଗାଇ ଶବ୍ଦଟି ଲେଖ ।

| | | |
|---|---|---|
| ବିଳ____ | ତ____ ତାର, | ହ____ ରଡ଼ି |
| କ____ଳ, | ତ____, | ଆ____ଳ |
| ଦ____ | ଗ____ଜ | ଆ____ଲ |

## ୧୩। ସମ୍ପର୍କ ଥିବା ସ୍ଥାନ ସହିତ ଯୋଡ଼ ।

ଏଠାରେ ରୋଗୀମାନଙ୍କୁ ପରୀକ୍ଷାକରି ଔଷଧ ଦିଆଯାଏ । ଡାକ୍ତର, ନର୍ସ, ଧାଈ, କମ୍ପାଉଣ୍ଡର ଏଠାରେ କାମ କରନ୍ତି ।



ଏହା ଗାଆଁଗୁଡ଼ିକର ଭଲମନ୍ଦ ବୁଝେ । ରାସ୍ତାଘାଟ ମରାମତି, ପରିବେଶ ସଫାସୁତରା ରଖିବା ପୋଖରୀଖୋଳିବା ଇତ୍ୟାଦି କାର୍ଯ୍ୟକରେ ।



ପିଲାମାନେ ଏଠାରେ ପାଠ ପଢ଼ନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢ଼ାନ୍ତି । ପିଲାମାନେ ପାଠପଢ଼ି ବଡ଼ମଣିଷ ହୁଅନ୍ତି ।



## ୧୪। ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦ ଲେଖ ।

**ଯେପରି :** ମ୍ଭୀକୁର – କୁମ୍ଭୀର

ବସନ୍ତ – __________, ମ୍ବଚୁକ – __________

ଡାଣମ୍ପ – ________,    ରଆମ୍ପ – ________

ସକମ୍ପା – ________,    ଗରୀମ୍ପା – ________

କଳମ୍ପ – ________,

ନରମ୍ପ – ________

**୧୫। ଆସ ଆମେ ଆଲୋଚନା କରିବା ଓ ଲେଖିବା ।**

(କ) ତୁମ ଘର କେଉଁ ଗ୍ରାମପଞ୍ଚାୟତରେ ଅଛି ?

________________________________ ।

(ଖ) ତୁମ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ନାମ କ'ଣ ?

________________________________ ।

(ଗ) ଗ୍ରାମପଞ୍ଚାୟତ କି କି କାମ କରେ ?

________________________________ ।

(ଘ) ତୁମେ ପଢୁଥିବା ବିଦ୍ୟାଳୟର ନାମ କ'ଣ ?

________________________________ ।

(ଙ) ତୁମ ବିଦ୍ୟାଳୟରେ ପାଠପଢ଼ା ପୂର୍ବରୁ କରାଯାଉଥିବା ଦୁଇଟି କାର୍ଯ୍ୟ ଲେଖ ?

________________________________ ।

## ୧୬। ଠିକ୍ ଟି ବାଛ ।

(କ) ରୋଗ ହେଲେ କାହା ପାଖକୁ ଯିବା – ଡାକ୍ତର, ଗୁଣିଆ, ବଇଦ

## ୧୭। ଆଲୋଚନା କରି ଲେଖିବା ।

(କ) ତୁମ ଅଞ୍ଚଳରେ ଡାକ୍ତରଖାନା ନଥିଲେ କ'ଣ ଅସୁବିଧା ହେବ ?

______________________________

______________________________

______________________________ ।

(ଖ) ତୁମ ଗାଁ'ରେ ବିଦ୍ୟାଳୟ ନଥିଲେ ତୁମର କି ଅସୁବିଧା ହୁଅନ୍ତା ?

______________________________

______________________________

______________________________ ।

(ଗ) ତୁମ ଗାଆଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ କେଉଁଠିକୁ ଯାଆନ୍ତି ଲେଖ ।

______________________________

______________________________

______________________________ ।

(ଘ) ତୁମ ବିଦ୍ୟାଳୟରେ କ'ଣ କ'ଣ ଅଛି ଲେଖ ।

______________________________

______________________________ ।

(ଙ) ତୁମ ଶ୍ରେଣୀକୋଠରୀରେ କ'ଣ ସବୁ ଅଛି ଲେଖ ?

______________________________

______________________________ ।

## ୧୮ । ମୋ ପାଖରେ ପହଞ୍ଚ । ବାଟରେ ପଡୁଥିବା ଶବ୍ଦଗୁଡ଼ିକୁ ଲେଖ ।



ପାଠ - ୯

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

**କ'ଣ ଶିଖିବେ -** **ପିରିୟଡ଼ ସଂଖ୍ୟା – ୫୪**

**ଭାଷା:**
- ମ୍ପ, ମ୍ଫ, ମ୍ବ ଓ ମ୍ଭ ଯୁକ୍ତାକ୍ଷର ଚିହ୍ନିବେ ।
- ଶବ୍ଦକୁ ସ୍ପଷ୍ଟ ଉଚ୍ଚାରଣ କରି କହିବେ ।
- ଠିକ୍ ବନାନ ସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ଶିଖିଥିବା ଯୁକ୍ତାକ୍ଷରକୁ ଶ୍ରୁତଲିଖନରେ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝିପାରିବେ ।

**ପରିବେଶ:**
- ଆମ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଦ୍ୟାଳୟ, ପଞ୍ଚାୟତ, ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ପ୍ରଥମେ ଶିକ୍ଷକ ନିଜେ ପାଠଟିକୁ ଆମୂଳଚୂଳ ପଢ଼ିବେ । ପାଠରେ ଥିବା ଚିତ୍ରଗୁଡ଼ିକୁ ଓ ଚିତ୍ରତଳେ ଥିବା ଲେଖାଗୁଡ଼ିକୁ ବୁଝିବେ । ପାଠଟି ତିନିଭାଗରେ ବିଭକ୍ତ ହୋଇଛି । ଅକ୍ଷରଗୁଡ଼ିକ ଯେଉଁଥିରୁ ଶିଖାଇବାକୁ ଅଛି ବାହାର କରି ରଖନ୍ତୁ ।
- ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବାର ସୁଯୋଗ ଦିଅନ୍ତୁ ।
- ବିଦ୍ୟାଳୟ ବିଷୟରେ ପିଲାଙ୍କ ସହ କିଛି ଆଲୋଚନା କରନ୍ତୁ ।
- ଯେଉଁ ଯୁକ୍ତାକ୍ଷର ଚିହ୍ନାଇବାକୁ ଅଛି ତା' ଉପରେ ଗୁରୁତ୍ୱ ଦିଅନ୍ତୁ ଓ ଉଚ୍ଚାରଣ କରିପାରିବା ସୁଯୋଗ ସୃଷ୍ଟି କରନ୍ତୁ । ସେଥିପାଇଁ ପ୍ରଶ୍ନ ପଚାରି ପାରନ୍ତି ।
  ଶବ୍ଦଗୁଡ଼ିକ କଳାପଟାରେ ଲେଖି ଯୁକ୍ତାକ୍ଷରକୁ ଚିହ୍ନାନ୍ତୁ ।
- ବିଭିନ୍ନ ଗଛ ଲଗାଇବା, ସେମାନଙ୍କୁ ଚିହ୍ନିବା ମଧ୍ୟ କରିପାରିବେ ।
- ବିଦ୍ୟାଳୟ ପରେ କ୍ରମାନ୍ୱୟରେ ପଞ୍ଚାୟତ ଓ ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ପଢ଼ିବାକୁ ଦେବେ ଓ ଆଲୋଚନା
- କରାଇବେ ।
  ଆଲୋଚନା ପରେ ଯୁକ୍ତାକ୍ଷର ଚିହ୍ନାଇବେ ।
- ପିଲାଙ୍କର ଅନୁଭୂତିରୁ ଯେତେ ଅଧିକ କଥା ସଂଗ୍ରହ ହୋଇପାରିବ ତାହା କରିବେ ।

**ଅଭ୍ୟାସ:**
- ଅଭ୍ୟାସକାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏଣୁ ସେ ଅନୁସାରେ କାମ କରିବାକୁ କୁହନ୍ତୁ ।
- ପ୍ରଶ୍ନ ୭, ୯ର ଗୀତଗୁଡ଼ିକ ଆଦାୟ କରନ୍ତୁ ଓ ପିଲାଙ୍କୁ ଏପରି ଗୀତ ସଂଗ୍ରହ କରିବାକୁ ଉତ୍ସାହିତ କରାନ୍ତୁ ।
  ୧୦ ନମ୍ବର ଚିତ୍ର କାହାର ପଚାରନ୍ତୁ ।
- ପ୍ରଶ୍ନ ୧୫, ୧୭ ଆଲୋଚନା କରିବାକୁ ଦିଅନ୍ତୁ ମାତ୍ର ବ୍ୟକ୍ତିଗତ ଭାବରେ ଲେଖିବାକୁ ଦିଅନ୍ତୁ ।
- ଅଭ୍ୟାସପ୍ରଶ୍ନର ଉତ୍ତର ଆଦାୟ କରନ୍ତୁ ।